# ନୃସିଂହ ଗୁରୁ- ସରଳ ମଣିଷର ମହାନତା

ପତିତ ପାବନ ପ୍ରଧାନ
ପୂର୍ବତନ ସାଂସଦ

ପ୍ରାୟ ତିରିଶ ବର୍ଷ ତଳେ ଯେତେବେଳେ ବ୍ରଜରାଜନଗର ଠାରେ ଶ୍ରମିକ ଆନ୍ଦୋଳନ ମଧ୍ୟକୁ ଯିବାର ଆବଶ୍ୟକତା ପଡ଼ିଲା ଠିକ୍ ସେତେବେଳେ ଯେଉଁ ନିଷ୍ଠାପର ସଂଗ୍ରାମୀ ଆଜିର ନେତୃତ୍ୱ ଆଜିର ଚର୍ଚ୍ଚା ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ସ୍ମୃତି ଚାରିତ ହୋଇଥିଲା, ସେମାନଙ୍କ ମଧ୍ୟରେ ଦୁର୍ଗାଗୁରୁଙ୍କ ନାମ ଅଗ୍ରଗଣ୍ୟ ଥିଲା । ବ୍ୟକ୍ତିତ୍ୱ ସଂକ୍ରାନ୍ତରେ ଅଧିକ ଜାଣିବାର ପ୍ରୟାସ ଅବସରରେ ସ୍ୱର୍ଗତଃ ନୃସିଂହ ଗୁରୁଙ୍କ ନାମ ଆପେ ଆପେ ଆସି ଯାଉଥିଲା ଦୁର୍ଗା ଗୁରୁଙ୍କ ନିଚ୍ଛକ ଏବଂ ନିର୍ଭୀକ ସଂଗ୍ରାମ ଜୀବନ ସତ୍ୱେ ସେ ସ୍ୱର୍ଗତ ନୃସିଂହ ଗୁରୁଙ୍କ ସହୋଦର ଭାବରେ ପରିଚିତ ହେବା ସେମାନଙ୍କ ସାଧାରଣ ଜୀବନର ବ୍ୟାପକତା ପରିବାରର ବଳୟ ଆଜି ଦିନରେ ମୋ ଆଖି ସମ୍ମୁଖକୁ ଆସୁଛି ।

ଏ ପ୍ରକାର ବ୍ୟାପକତାର ବଳୟ ଏକ ବହୁମୁଖୀ ଜୀବନର ମହାନତା ପ୍ରତିପାଦନ କରୁଛି । ପରବର୍ତ୍ତୀ ସମୟରେ ସମ୍ବଲପୁର ସହରରେ ଅବସ୍ଥାନ ପରେ କ୍ରମଶଃ ତାଙ୍କ ଜୀବନର ନୈଷ୍ଠିକତା ପ୍ରତି

ଆକର୍ଷିତ ହୋଇଥିଲି । ତାଙ୍କ ସହିତ ମୋର ସମ୍ପର୍କ ଅନ୍ତରଙ୍ଗ ନହେଲେ ମଧ ଅନେକ ସମୟରେ ବ୍ରଜରାଜନଗର ରୁ ବସ୍‌ରେ ଫେରିବା ସମୟରେ ବହୁବାର ଏକା ସାଙ୍ଗରେ ସମ୍ବଲପୁର ପର୍ଯ୍ୟନ୍ତ କଥାବାର୍ତ୍ତା ହୋଇ ଆସିଛୁ। ଏ ପ୍ରକାର କଥାବାର୍ତ୍ତା ସମୟରେ ସେ ବିଭିନ୍ନ ଅଞ୍ଚଳର ଖବର ଜାଣିବାରେ ଆଗ୍ରହ ଏବଂ ବିନା ଅନୁରୋଧରେ ସେଗୁଡ଼ିକ ଦୈନିକ 'ସମାଜ' ରେ ପ୍ରକାଶ ପାଇବା ତାଙ୍କ ଜୀବନର ମହାନତା ପ୍ରତିପାଦନ କରୁଛି । ଅନେକ ସମୟରେ ବିଭିନ୍ନ ସ୍ତରର କଥୋପକଥନରେ ପୂର୍ବାପର ସମ୍ବନ୍ଧରେ ଥିବା ତ୍ରୁଟି ଗୁଡ଼ିକୁ ସେ ଯେପରି ଅନାବିଳ ସ୍ନେହଭରା ଆଶିଷ ମାଧମରେ ସଂଶୋଧନ କରୁଥିଲେ ସେଥିରୁ ସେ ଅଞ୍ଚଳରେ ଉପୁଜିଥିବା ବିଭିନ୍ନ ସମୟରେ ସମସ୍ୟା ଏବଂ ବ୍ୟକ୍ତି ବିଶେଷଙ୍କ ଆଦି ସହିତ ତାଙ୍କ ସତ୍ୟ ଆଧାରିତ ସମ୍ପର୍କ ଥିବା ଅନୁଭୁତ ହୁଏ ।

ସମୟ କ୍ରମଶଃ ସମାଜକୁ ଅଧୋଃଗତି ଆଡ଼କୁ ଟାଣି ନେଉଥିବା ଧାରଣା ପ୍ରାୟ ସମସ୍ତଙ୍କୁ ଗ୍ରାସ କରି ଆସିଛି । ସବୁ ପିଢିର ମଣିଷ ତା'ର କାର୍ଯ୍ୟର ଯଥାର୍ଥତା ପ୍ରତିପାଦନ କରିବାକୁ ଯାଇ ପରବର୍ତ୍ତୀ ପିଢିର ବ୍ୟକ୍ତି ଓ ସାମର୍ଥ୍ୟ ଅପେକ୍ଷା ଦୋଷ ଦୁର୍ବଳତା ପ୍ରତି ଅଧିକ ଗୁରୁତ୍ୱ ଆରୋପ କରୁଥିଲା ଭଳି ମନେହୁଏ । ଅବଶ୍ୟ ଏ ପରିସ୍ଥିତି କଛି ଲୋକ ପ୍ରବଞ୍ଚନାତ୍ମକ ଭାବରେ ନିଜର ଦୋଷ, ଦୁର୍ବଳତା ଲୁଚାଇବା ପାଇଁ ଅନ୍ୟକୁ ନ୍ୟୁନ କରିବାରେ ଅଧିକ ସମୟ ନଷ୍ଟ କରିଥାନ୍ତି । ଏହି ଉଭୟ ଶ୍ରେଣୀର ବ୍ୟକ୍ତି ବିଶେଷଙ୍କ ପାଇଁ ସ୍ୱର୍ଗତ ନୃସିଂହ ଗୁରୁଙ୍କ ଆଚରଣ ଅନୁକରଣୀୟ ହେବାର ସମୟ ଆସିଛି । ମୋର ମନେହୁଏ ସ୍ୱର୍ଗତ ଗୁରୁ ତାଙ୍କ ଜୀବିତାବସ୍ଥାରେ କୌଣସି ଶ୍ରେଣୀ ଓ ମତବାଦର ବ୍ୟକ୍ତି ପ୍ରତି ଅସହିଷ୍ଣୁ ଆଚରଣ ପ୍ରଦର୍ଶନ କରିନାହାନ୍ତି । ଜଣେ ନିଷ୍ଠାପର ସାମ୍ବାଦିକ ଭାବରେ କାହାରି ବ୍ୟକ୍ତିଗତ ଆଚରଣ ଅଥବା ତାଙ୍କ ନିଜସ୍ୱ ରୁଚି କେବେ ହେଲେ ତାଙ୍କ ସମ୍ବାଦ ପରିବେଷଣକୁ ପ୍ରଭାବିତ କରୁଥିବା ଦୃଷ୍ଟାନ୍ତ ମୋ ପାଖରେ ନାହିଁ ।

ଜଣେ ସାମ୍ବାଦିକ ଭାବରେ ତାଙ୍କର ଜୀବନ ଆଜି ଆମ ସମସ୍ତଙ୍କ କଳ୍ପନାର ବାହାରେ । ସତ୍ୟ ସମ୍ବାଦ ପରିବେଷଣ